## ଆଜି କ'ଣ କେଉଁଠି

ବୁଗୁଡ଼ା
- ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ। ସ୍ଥାନ–ବିରଞ୍ଚିପୁର, ସମୟ–ପୂର୍ବାହ୍ନ୧୧ଟା।

## ସଂକ୍ଷେପରେ

### କଳାକନା ବୁଲାଇଲେ ଦୁର୍ବୃତ୍ତ

**ଗୋପାଳପୁର,୯।୨(ଡି.ଏନ.ଏ.):** ଗୋପାଳପୁର ଥାନା ଅଧୀନସ୍ଥ ସାନକୁଶସ୍ଥଳି ଗ୍ରାମର ସାଇବାଣୀ ସେଠୀ ନିଜ ସ୍ୱାମୀଙ୍କ ଦେହ ଅସୁସ୍ଥ ଥିବାରୁ ଗତ ୫ ତାରିଖରେ ବ୍ରହ୍ମପୁର ବଡ଼ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଘରେ କେହି ନଥିବାରୁ ସୁଯୋଗନେଇ କେତେକ ଦୁର୍ବୃତ୍ତ ବୁଧବାର ରାତିରେ ଘରେ ପଶି ଆଲମାରୀ ଭାଙ୍ଗି ତିନି ଭରି ସୁନା ଅଳଙ୍କାର, ଗ୍ୟାସ ହାଣ୍ଡି, ଧାନ ତିନିବସ୍ତା ଓ ମୂଲ୍ୟବାନ କାଗଜ ପତ୍ର ନେଇଯାଇଛନ୍ତି। ଏନେଇ ଗୁରୁବାର ସକାଳେ ତାଙ୍କ ସମ୍ପର୍କୀୟ ଉଦୟ ସେଠୀ ଘର କବାଟ ଖୋଲାଥିବା ଦେଖି ସାଇବାଣୀଙ୍କୁ ଫୋନ ଯୋଗେ ଜଣାଇଥିଲେ। ସାଇବାଣୀ ଘରେ ପହଞ୍ଚି ଚୋରି ହୋଇଥିବା ଜାଣି ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ୪୯/୨୩ ପ୍ରକାରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ନେଇ ଥାନା ଅଧିକାରୀ ସାରଦା ପ୍ରସନ୍ନ ଦାଶ ସୂଚନା ଦେଇଛନ୍ତି।

### ପ୍ରଥମ ଛାତ୍ର ସଂସଦ ସଭାପତିଙ୍କ ପରଲୋକ



**ଜି.ଉଦୟଗିରି,୯।୨:** ସ୍ଥାନୀୟ କଳିଙ୍ଗ ମହାବିଦ୍ୟାଳୟର ପୂର୍ବତନ ତଥା ପ୍ରଥମ ଛାତ୍ର ସଂସଦ ସଭାପତି ବିମ୍ବାଧର ପ୍ରଧାନ (୫୨)ଙ୍କ ଗୁରୁବାର ସକାଳେ ହୃଦଘାତରେ ପରଲୋକ ହୋଇଯାଇଛି। ବୁଧବାର ପ୍ରଧାନଙ୍କ ଝିଆରୀଙ୍କ ବିବାହ ଭୋଜି ଚାଲିଥିଲା। ସବୁ କାମ ସାରି ଶୋଇଥିବା ବେଳେ ଗୁରୁବାର ସକାଳେ ହଠାତ ତାଙ୍କର ହୃଦଘାତରେ ପରଲୋକ ହୋଇଯାଇଛି। ୧୯୯୫-୯୬ ବର୍ଷର ପ୍ରଥମ ଛାତ୍ର ସଂସଦ ନିର୍ବାଚନରେ ତତ୍କାଳୀନ ଅଧକ୍ଷ ବସନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ନିର୍ବାଚନରେ ବିମ୍ବାଧର ପ୍ରଧାନଙ୍କୁ ଅକୁଣ୍ଠ ସମର୍ଥନ ମିଳିଥିଲା। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଭୋଜିରେ ମାରପିଟ୍

**ହିଞ୍ଜିଳିକାଟୁ/ଶେରଗଡ଼, ୯।୨(ଡ଼ି.ଏନ୍.ଏ):** ଗଞ୍ଜାମ ଜିଲା ଶେରଗଡ଼ ବ୍ଲକ ତଥା ହିଞ୍ଜିଳି ଥାନା ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମରେ ଗୁରୁବାର ସକାଳେ ଏକ ବିବାହ ଭୋଜିରେ ୨ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇ ଜଣେ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆହତ ଜଣକ ହେଲେ ପ୍ରମୋଦ ପୋଲାଇ। ତାଙ୍କୁ ପ୍ରଥମେ ହିଞ୍ଜିଳିକାଟୁ ପରେ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଯାଇଛି। ଅନ୍ୟପକ୍ଷରେ ଏହି ଘଟଣା ନେଇ ରାଜନୈତିକ ବିବାଦ ସୃଷ୍ଟି ହେବା ସହ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଗୁରୁତର ଆହତ ପ୍ରମୋଦଙ୍କ ପତ୍ନୀ ବବି ପୋଲାଇ, ଗ୍ରାମର ସୁଧାକର ପୋଲାଇ ଓ ଭିକୁ ନାୟକଙ୍କ ଅଭିଯୋଗ କ୍ରମେ ଥାନାରେ ୩ଟି ପୃଥକ ମାମଲା ରୁଜୁ ହୋଇଛି। ପୋଲିସ ୩ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି।

### ୫୦କେଜି ଗଞ୍ଜେଇ ଜବତ,ଜଣେ ଗିରଫ

**ବ୍ରହ୍ମପୁର ଅଫିସ,୯।୨:** ଅବକାରୀ ପୋଲିସ ଗୁରୁବାର ସଦର ଥାନା ଅନ୍ତର୍ଗତ ଇନ୍ଦିରା ଆବାସ ଛକରୁ ଗଞ୍ଜେଇ ଭର୍ତ୍ତି ଏକ ଅଟୋ ଜବତ କରିଛି। ଏକ ଅଟୋରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଅବକାରୀ ପୋଲିସ ଜାଣିବାକୁ ପାଇଥିଲା। ଏ ସଂକ୍ରାନ୍ତରେ ଜଣେ ଯୁବକଙ୍କୁ ପୋଲିସ ଘଟଣା ସ୍ଥଳରୁ ଗିରଫ କରି ତାଙ୍କୁ ଜେରା ଚଳାଇଛି। ଅଭିଯୁକ୍ତ ଜଣଙ୍କ ଗଜପତି ଜିଲା ଅଡ଼ବା ଥାନା ଅନ୍ତର୍ଗତ ପାଣିଗଣ୍ଡା ଗ୍ରାମର ଅଭିଜିତ ସିଂ(୨୭)। ପୋଲିସ ଉକ୍ତ ଅଟୋରୁ ୫୦ କେଜି ଗଞ୍ଜେଇ ଜବତ କରିଛି। ଜେରା ବେଳେ ଅଭିଯୁକ୍ତ ଜଣଙ୍କ ଉକ୍ତ ଗଞ୍ଜେଇ ଗଜପତି ଜିଲାରୁ ବେଆଇନ ଭାବେ ଆଣି ବ୍ରହ୍ମପୁର ଦେଇ ରେଳରେ ବାହାର ରାଜ୍ୟକୁ ଚାଲାଣ କରିଥାନ୍ତେ ବୋଲି ଜାଣିବାକୁ ମିଳିଛି। ପୋଲିସ ମାମଲା ନମ୍ବର ୬୪/୨୨-୨୩ ରେ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଛି।

# ବ୍ୟବସାୟୀଙ୍କଠାରୁ ୧୮ ଲକ୍ଷ ଜବତ

- ଗଞ୍ଜେଇ ଚାଲାଣ ନେଇ ଜାତୀୟ ରାଜପଥରେ ଚଢ଼ାଉ
- ପୂର୍ବରୁ ୧.୨୧ କୋଟି ଟଙ୍କା, ୨୩ ସୁନା ବିସ୍କୁଟ ଜବତ ହୋଇଥିଲା

ବ୍ରହ୍ମପୁର ଅଫିସ,୯।୨

ଗଞ୍ଜେଇ ଚୋରା ଚାଲାଣର ହବ୍ ପାଲଟିଛି ବ୍ରହ୍ମପୁର। ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ଗଞ୍ଜେଇ ମାଫିଆଙ୍କୁ ଧରିବା ପାଇଁ ବ୍ରହ୍ମପୁର ସହରର ବିଭିନ୍ନ ସ୍ଥାନରେ ପ୍ରତିଦିନ ବ୍ଲକିଂ ଓ ଚେକିଂ ଜାରି ରହିଛି। ଗୁରୁବାର ବ୍ରହ୍ମପୁରରୁ ଜଣେ ଯୁବକ ବସ୍‌ରେ ଗଞ୍ଜେଇ ଚାଲାଣ କରୁଥିବା ଅବକାରୀ ଗୋଇନ୍ଦା ବିଭାଗ ଖବର ପାଇଥିଲା। ଅପରାହ୍ନ ପ୍ରାୟ ୩ଟାରେ ଦକ୍ଷିଣାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ଇନ୍ସପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତଙ୍କ ନେତୃତ୍ୱରେ ଏକ ଟିମ୍ ଜାତୀୟ ରାଜପଥ–୧୬ ଲାଞ୍ଜିପାଲି ବାଇପାସ୍ ନିକଟରେ ଚେକିଂ କରି ବ୍ରହ୍ମପୁରରୁ କଟକ ଅଭିମୁଖେ ଯାଉଥିବା ଏକ ସରକାରୀ ଯାତ୍ରୀବାହୀ ବସ୍‌ରେ ଚଢ଼ାଉ କରିଥିଲା। ସେଥିରେ ଯାତ୍ରା କରୁଥିବା ଜଣେ ଯୁବକଙ୍କ ବ୍ୟାଗ ଯାଞ୍ଚ କରାଯାଇଥିଲା। ହେଲେ ଅବକାରୀ ଟିମ୍‌କୁ ଉକ୍ତ ବ୍ୟାଗରୁ ଗଞ୍ଜେଇ ମିଳିବା ପରିବର୍ତ୍ତେ ୩ଟି ପ୍ୟାକେଟରେ ଥିବା ୧୮ ଲକ୍ଷ ଟଙ୍କା ଜବତ କରିଥିଲା। ଯୁବକ ଜଣଙ୍କ ଯାଜପୁର ଜିଲା ଗୋବିନ୍ଦପୁର ଗ୍ରାମର ସଞ୍ଜୟ ସାହୁ ଓରଫ ବାବୁଲି ବୋଲି



ଜବତ ଟଙ୍କା ସହ ଯାତ୍ରୀ।

ଜଣାପଡିଛି। ସେ ବ୍ରହ୍ମପୁରରେ ଚିନାବାଦାମ ବିକ୍ରି କରି ଟଙ୍କା ଧରି ଯାଜପୁର ଫେରୁଥିଲେ ବୋଲି ଅବକାରୀ ଟିମ୍‌କୁ ଜଣାଇଛନ୍ତି। ଅନ୍ୟପଟେ ଅବକାରୀ ବିଭାଗ ଉକ୍ତ ଯୁବକ ଓ ଟଙ୍କା ଆୟକର ବିଭାଗକୁ ହସ୍ତାନ୍ତର କରିବ ବୋଲି ଡେପୁଟି କମିଶନର ଡମ୍ବରୁଧର ଖଣ୍ଡା ସୂଚନା ଦେଇଛନ୍ତି।

ପ୍ରକାଶ ଯେ, କିଛିମାସ ପୂର୍ବେ ଅବକାରୀ ଧରପଗଡ଼ ବେଳେ ଜାତୀୟ ରାଜପଥ ଲାଞ୍ଜିପାଲି ବାଇପାସ୍ ଦେଇ ଯାଉଥିବା ଏକ ସରକାରୀ ବସ୍‌ରୁ ଜଣେ ଯାତ୍ରୀଙ୍କଠାରୁ ୧କୋଟି ୨୧ଲକ୍ଷ ୯୭ ହଜାର ୫୦୦ଟଙ୍କା ଜବତ କରାଯାଇଥିଲା। ଅବକାରୀ ପୋଲିସ କାବୁ କରିଥିବା ବ୍ୟକ୍ତି ଜଣଙ୍କ ମହାରାଷ୍ଟ୍ର ସାଙ୍ଗଲିର ବ୍ୟବସାୟୀ ଦଶରଥ ସାହୁକାର ବୋଲି କହିଥିଲା। ତାଙ୍କୁ ଜେରା ବେଳେ ସେ ମହାରାଷ୍ଟ୍ରରୁ ସୁନା ଆଣି ଜିଏସ୍‌ଟି ଫାଙ୍କି ବ୍ରହ୍ମପୁରରେ ଚୋରା କାରବାର କରୁଥିବା ଜଣାପଡିଥିଲା। ସୁନା କାରବାର କରି ବ୍ୟବସାୟୀ ଜଣଙ୍କ ଏହି ଟଙ୍କା ପାଇଥିବା ଅବକାରୀ ପୋଲିସ ଜାଣିବାକୁ ପାଇଥିଲା। ପରେ ଉକ୍ତ ଟଙ୍କା ସହ ବ୍ୟବସାୟୀଙ୍କୁ ଅବକାରୀ ପୋଲିସ ବୈଦ୍ୟନାଥପୁର ଥାନାକୁ ହସ୍ତାନ୍ତର କରିଥିଲା। ପୋଲିସ ତାଙ୍କୁ ଅଧିକ ଜେରା କରିବା ପରେ ବ୍ରହ୍ମପୁରର ଆନନ୍ଦ ଜୁଏଲେରି ନାମକ ଜଣେ ସୁନା ବ୍ୟବସାୟୀଙ୍କ ନିକଟରୁ ୨୩ଟି ସୁନା ବିସ୍କୁଟ ମଧ୍ୟ ଜବତ କରିଥିଲା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com



@ ସୁବାସ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଟିଉସନ, ପ୍ରୋଜେକ୍ଟ ଟଙ୍କା ନ ଦେବାରୁ ଦିଆଯାଇଥିଲା ନିର୍ଯାତନା

## ପଲିଟେକନିକ ଛାତ୍ରଙ୍କୁ ନିର୍ଯାତନା ଘଟଣା

- ଏସ୍‌ପିଙ୍କ ନିକଟରେ ଫେରାଦ ହେଲେ ଛାତ୍ର

ବ୍ରହ୍ମପୁର ଅଫିସ,୯।୨

ବ୍ରହ୍ମପୁର ସ୍ଥିତ ସରକାରୀ ପଲିଟେକନିକର ଛାତ୍ର ଆଶିଷ ମହାରଣାଙ୍କୁ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ନିର୍ଯାତନା ଦେଉଥିବା ବେଳେ ଅଭିଯୋଗ ପରେ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଗୁରୁବାର ପୁଣିଥରେ ବ୍ରହ୍ମପୁର ଏସ୍‌ପିଙ୍କ ନିକଟରେ ଫେରାଦ ହୋଇଛନ୍ତି ଛାତ୍ର ଆଶିଷ ଓ ତାଙ୍କ ମାମୁ। ପୂର୍ବରୁ ଆଶିଷଙ୍କ ମାଆ ଲିତା ମହାରଣା ବୈଦ୍ୟନାଥପୁର ଥାନା ଓ ରାଜ୍ୟ ବୈଷୟିକ ଶିକ୍ଷା ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରିଥିଲେ। ଟିଉସନ ଓ ପ୍ରୋଜେକ୍ଟ ବାବଦ ଟଙ୍କା ନ ଦେବାରୁ ତାଙ୍କ ବିଭିନ୍ନ ପରୀକ୍ଷାରେ ଫେଲ କରାଯିବା ସହ ମାନସିକ, ଶାରିରୀକ ଓ ଆର୍ଥିକ ନିର୍ଯାତନା ଦିଆଯାଉଥିବା ନେଇ ଆଶିଷ ବ୍ରହ୍ମପୁର ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଏହି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ପଲିଟେକନିକ ଅଧକ୍ଷ ନିଶାକର ମଲ୍ଲିକ କହିଛନ୍ତି।

ପ୍ରକାଶ ଯେ, ଆୟୁଷ ୨୦୧୮ରେ ସରକାରୀ ପଲିଟେକନିକରେ ମେକାନିକାଲ ଇଞ୍ଜିନିୟରିଂରେ ନାମ ଲେଖାଇଥିଲେ। ହେଲେ ନାମ ଲେଖାଇବା ପରଠାରୁ ପଲିଟେକନିକର ଶିକ୍ଷକମାନେ ତାଙ୍କୁ ବିଭିନ୍ନ ପ୍ରକାର ନିର୍ଯାତନା ଦେଉଥିବା ନେଇ ତାଙ୍କ ମାଆ ଲିତା ଗତ ୬ ତାରିଖରେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ ୭୧/୨୩ରେ ଏକ ମାମଲା ରୁଜୁକରିବା ସହ ଘଟଣାର ତଦନ୍ତ କରିଥିଲା। ପୋଲିସ ପଲିଟେକନିକର ଅଧକ୍ଷ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଡାକି ପଚରାଉଚରା କରିଥିଲା। ପଲିଟେକନିକ କର୍ତ୍ତୃପକ୍ଷ ଥାନାରେ ଆବଶ୍ୟକ ତଥ୍ୟପ୍ରମାଣ ଦାଖଲ କରିଥିଲେ। ତେବେ ବୈଦ୍ୟନାଥପୁର ଥାନା ପୋଲିସ ପଲିକେଟନିକ କର୍ତ୍ତୃପକ୍ଷଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଗୁରୁବାର ଆୟୁଷ ଓ ତାଙ୍କ ମାମୁ ବ୍ରହ୍ମପୁର ଏସ୍‌ପିଙ୍କୁ ଭେଟି ନ୍ୟାୟ ଦାବି କରିଥିଲେ। ଅନ୍ୟପକ୍ଷରେ ଆୟୁଷଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ଅମୂଳକ ବୋଲି ଅଧକ୍ଷ କହିଛନ୍ତି। ପୂର୍ବରୁ ଏହି ଘଟଣାର ତଦନ୍ତ କରି ବୈଷୟିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯାଇସାରିଛି। ଆଶିଷଙ୍କୁ କେହି ଜଣେ ପ୍ରବର୍ତ୍ତାଉଥିବା ନେଇ ଅଧକ୍ଷ ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ବନ୍ଧୁକ ଦେଖାଇ ୪୦ ହଜାର ଲୁଟ୍

ଚିକିଟି, ୯।୨(ଡି.ଏନ୍.ଏ)

ବ୍ରହ୍ମପୁର ପୋଲିସ ଜିଲା କେ.ନୂଆଗାଁ ଥାନାଠାରୁ ଦୁଇ କିମି ଦୂର ମା' ରତନେଇ ମନ୍ଦିର ନିକଟରେ ଗୁରୁବାର ରାତିରେ ଦିଗପହଣ୍ଡିରୁ ଚିକିଟି ପେଣ୍ଠ ଫେରୁଥିବା ଜଣେ ବାଇକ ଆରୋହୀଙ୍କୁ ବନ୍ଧୁକ ଦେଖାଇ କେତେକ ଦୁର୍ବୃତ୍ତ ୪୦ ହଜାର ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ଚିକିଟି ପେଣ୍ଠର ତୋଫାନ ଆଚାର୍ଯ୍ୟ ନିଜ ବାହାଘର ନିମନ୍ତ୍ରଣ ପତ୍ର ବାଣ୍ଟି ଦିଗପହଣ୍ଡି ଅଞ୍ଚଳରୁ ଫେରୁଥବା ବେଳେ ରତନେଇ ନିକଟରେ ୫ ଜଣ ଯୁବକ ଅଟକାଇଥିଲେ। ତୋଫାନ ଅଟକିବା ପରେ ସେମାନେ ମୁଣ୍ଡକୁ ବନ୍ଧୁକ ଦେଖାଇ ପାଖରେ ଯାହା ଅଛି ଦେବାକୁ କହିଥଲେ। ଜୀବନ ବଞ୍ଚାଇବା ଭୟରେ ତୋଫାନ ପାଖରେ ଥିବା ୪୦ ହଜାରରୁ ଅଧିକ ଟଙ୍କା ଦେଇଦେଇଥିଲେ। ପରେ ସେମାନେ ବାଇକ ଯୋଗେ ଦ୍ରୁତ ଗତିରେ ପଳାଇଯାଇଥିଲେ। ଏ ନେଇ ତୋଫାନ କେ. ନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ୬୫/୨୩ ପ୍ରକାରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

# ପ୍ରମାଣ ଅଭାବରୁ ଶିକ୍ଷକ ନିର୍ଦ୍ଦୋଷ

## ଛାତ୍ରୀ ଅସଦାଚରଣ ମାମଲା

ବ୍ରହ୍ମପୁର ଅଫିସ,୯।୨

ବ୍ରହ୍ମପୁର ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ବିକ୍ରମ ପଟ୍ଟନାୟକ ଗୁରୁବାର ଜଣେ ଛାତ୍ରୀଙ୍କୁ ଅସଦାଚରଣ ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ସେ ଅଭିଯୁକ୍ତ ତଥା ସ୍କୁଲ ଶିକ୍ଷକ ଭଞ୍ଜ କିଶୋର ପରିଡ଼ାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ପ୍ରକାଶ ଯେ, ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କୁ ଶ୍ରେଣୀ କକ୍ଷରେ ଶିକ୍ଷକ ଭଞ୍ଜ କିଶୋର ଅସଦାଚରଣ କରିଥିଲେ। ଏପରିକି ବାରମ୍ବାର ଏଭିଳି ଦୁର୍ବ୍ୟବହାର କରିବାରୁ ଛାତ୍ରୀ ଜଣଙ୍କ ତାଙ୍କ ମା'ଙ୍କୁ ଜଣାଇଥିଲେ। ପୀଡ଼ିତାଙ୍କ ମା' ଜଗନ୍ନାଥପ୍ରସାଦ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୧୯/୧୮ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଶିକ୍ଷକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ପରେ ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ପୋଲିସ ଏସ୍‌ଆଇ ଅମ୍ବିକା ବେଣିଆ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ପରେ ଶିକ୍ଷକଙ୍କୁ ଜାମିନ ମିଳିଥିଲା। ଉକ୍ତ ମାମଲାର ବିଚାର ବେଳେ କୋର୍ଟରେ ୯ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଉକ୍ତ ମାମଲାର ଶୁଣାଣି ବେଳେ ଅଭିଯୁକ୍ତ ଶିକ୍ଷକ ଭଞ୍ଜ କିଶୋରଙ୍କୁ କୋର୍ଟରେ ହାଜର କରାଯାଇଥିଲା। ପ୍ରମାଣ ଅଭାବରୁ ଜଜ୍ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ପିପି ନାରାୟଣ ପଣ୍ଡା ଓ ମୁଦାଲାଙ୍କ ପକ୍ଷରୁ ସୌଭାଗ୍ୟ ମିଶ୍ର ମକଦ୍ଦମା ପରିଚାଳନା କରିଥିଲେ।

# ଖେମୁଣ୍ଡି ଓକିଲ ସଂଘର ଜରୁରୀ ବୈଠକ

ଦିଗପହଣ୍ଡି,୯।୨(ଡି.ଏନ୍.ଏ.)

ଖେମୁଣ୍ଡି ଓକିଲ ସଂଘର ଏକ ଜରୁରୀ ବୈଠକ ସଂଘ ସଭାପତି ଏ. ସୋମେଶ୍ୱର ରାଓଙ୍କ ସଭାପତିତ୍ୱରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଥିଲା। ଏଥିସହ ରାଜ୍ୟ ଆଇନଜୀବୀ ପରିଷଦର ନିର୍ଦ୍ଦେଶକ୍ରମେ ନିର୍ବାଚନ ଅଧିକାରୀ ପାଇଁ ବରିଷ୍ଠ ଆଇନଜୀବୀ ନୀଳମାଧବ ରଥଙ୍କ ନାମ ସର୍ବସମ୍ମତ ଭାବେ ଗୃହୀତ ହୋଇଥିଲା। ବୈଠକରେ ଓକିଲ ସଂଘ ସମ୍ପାଦକ ପ୍ରହ୍ଲାଦ ପ୍ରଧାନଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ହାକାଥନ ପ୍ରତିଯୋଗିତା




ପ୍ରତିଯୋଗିତାରେ ଉପସ୍ଥିତ ଅତିଥି ବୃନ୍ଦ।

ବ୍ରହ୍ମପୁର ଅଫିସ,୯।୨

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନୀଳକଣ୍ଠନଗରଠାରେ ଜିଲାସ୍ତରୀୟ ହାକାଥନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟ ଓ ଆଇଆଇଆଇଟି, ଭୁବନେଶ୍ୱରର ମିଳିତ ସହଯୋଗରେ ଏକ ନୂତନ କାର୍ଯ୍ୟକ୍ରମ ହାକାଥନ ଏକାଦଶ ଓ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ରଙ୍କ ଭିତରେ ବିଭିନ୍ନ ସମସ୍ୟା ଓ ସମାଧାନ କିପରି କରାଯାଇପାରିବ ଏହି ପ୍ରତିଯୋଗିତାର ମୂଳ ଲକ୍ଷ୍ୟ। ଏଥିରେ ଗଞ୍ଜାମ ଜିଲାର ୨୨୯ ପ୍ରତିଯୋଗୀ ପ୍ରତିଯୋଗିତା ନିମନ୍ତେ ପଞ୍ଜୀକରଣ କରିଥିଲେ। ଜିଲାସ୍ତରୀୟ କମିଟି ତଥା ଆଇଆଇଆଇଟି, ଭୁବନେଶ୍ୱରର ସହଭାଗିତାରେ ଚୟନ କରାଯାଇ ୩୦ ପ୍ରତିଯୋଗୀଙ୍କୁ ଜିଲାସ୍ତରୀୟ ପ୍ରତିଯୋଗିତାରେ ସୁଯୋଗ ଦିଆଯାଇଥିଲା। ବିଚାରକ ଭାବେ ଆଇଆଇଆଇଟି ପ୍ରଫେସର ଦେବାନୀ ପ୍ରସାଦ ମିଶ୍ର, ରାଜେଶ କୁମାର ପ୍ରଧାନ ଓ ବ୍ରହ୍ମପୁର ସିଟି କଲେଜର ଅବସରପ୍ରାପ୍ତ ଅଧକ୍ଷ ଡ. ଦିଲୀପ କୁମାର ପାତ୍ର ବିଚାରକ ଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନ ଉତ୍ସବରେ ଜିଲା ଶିକ୍ଷାଧିକାରୀ ବିନିତା ସେନାପତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ସମ୍ମାନିତ ଅତିଥି ଆଇଆଇଆଇଟି ପ୍ରଫେସର ରାଜେଶ କୁମାର ପ୍ରଧାନ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ସାହୁ, ସିଟି କଲେଜ ଅବସରପ୍ରାପ୍ତ ଅଧକ୍ଷ ଡ. ଦିଲୀପ କୁମାର ପାତ୍ର, ସରସ୍ୱତୀ ବିଦ୍ୟାମନ୍ଦିର, ନୀଳକଣ୍ଠନଗର ଅଧକ୍ଷ ଏସ୍. ମୋହନ ରାଓ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ରାଜ୍ୟସ୍ତରକୁ ମନୋନୀତ ହୋଇଥିବା ତିନୋଟି ପ୍ରକଳ୍ପ ମଧ୍ୟରୁ ଶେରଗଡ ଓଡ଼ିଆ ଆଦର୍ଶ ବିଦ୍ୟାଳୟର ରୁଦ୍ର ନାରାୟଣ ପ୍ରଧାନ ପ୍ରଥମ, ଚିକିଟି ଓଡ଼ିଆ ଆଦର୍ଶ ବିଦ୍ୟାଳୟ ରୋଶନୀ ସାହୁ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ପଞ୍ଚାନନ ରେଡ୍ଡୀ, ବିବେକ କୁମାର ଦଳାଇ ଓ ଶୁଭମ୍ ସାହୁ ଚୟନ ହୋଇଛନ୍ତି। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପ୍ରତିଯୋଗୀଙ୍କୁ ୧୫୦୦୦, ୧୦,୦୦୦ ଓ ୫୦୦୦ ଆର୍ଥିକ ରାଶି ଚେକ୍ ଆକାରରେ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଆସନ୍ତା ୧୩ ତାରିଖଠାରୁ ଭୁବନେଶ୍ୱରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ପ୍ରତିଯୋଗିମାନେ ଭାଗ ନେବେ। କାର୍ଯ୍ୟକ୍ରମରେ ଜିଲା ବିଜ୍ଞାନ ନିରୀକ୍ଷକ ରାମଚନ୍ଦ୍ର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତାକୁ ବିଷ୍ଣୁ ପ୍ରସାଦ ତ୍ରିପାଠୀ, କେ. ଶରତ କୁମାର, କିଶୋର ବେହେରା, ସୁଧାଂଶୁ ଶେଖର ମୁଦୁଲି ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସମସ୍ତ ଆଚାର୍ଯ୍ୟା ଓ ଆଚାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

### ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି ପୌର ଉଚ୍ଚ ବିଦ୍ୟାଳୟ ଛାତ୍ର ଅଭିଷେକ, ଆଶୁତୋଷଙ୍କ ସଫଳତା

ବ୍ରହ୍ମପୁର ଅଫିସ,୯।୨

ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପ୍ରତିଯୋଗିତା ଗୁରୁବାର ଛତ୍ରପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବରୁ ଅନୁଷ୍ଠିତ ବ୍ଲକସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରିଥିଲେ। ଏଥିରେ ବକ୍ତୃତା, ସାଧାରଣ ଜ୍ଞାନ,ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରହ୍ମପୁର ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି ପୌର ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ଅଭିଷେକ ସାମନ୍ତରାୟ ବକ୍ତୃତାରେ ତୃତୀୟ ଓ ପ୍ରବନ୍ଧ ଲିଖନରେ ଆଶୁତୋଷ ଚୌଧୁରୀ ଦ୍ୱିତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସୂଚନାଯୋଗ୍ୟ, ଉଭୟ ଛାତ୍ର ଦ୍ୱୟ ପୂର୍ବରୁ ଆନ୍ତଃ ବିଦ୍ୟାଳୟସ୍ତରୀୟ, ମହାନଗରସ୍ତରୀୟ ଓ ବ୍ଲକସ୍ତରୀୟ ପାଣି ପଞ୍ଚାୟତ ପକ୍ଷ କାର୍ଯ୍ୟକ୍ରମରେ ବକ୍ତୃତା ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଉଭୟ ଛାତ୍ରଙ୍କ ଏହି ସଫଳତାରେ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡାଙ୍କ ସମେତ ଅନ୍ୟ ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଉଭୟ ଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବ୍ରହ୍ମପୁର ପାଣ୍ଟାଲୁନ୍‌ସ ଶପିଂମଲ କୋଠା ସିଲ୍



ସିଲ ହୋଇଥିବା ମଲ।

ବ୍ରହ୍ମପୁର ଅଫିସ,୯।୨

ବ୍ରହ୍ମପୁର କମାପଲୀ ମୁଖ୍ୟ ରାସ୍ତାରେ ଥିବା ପାଣ୍ଟାଲୁନ୍ସ ସୋ ରୁମ ଗୁରୁବାର ସିଲ ହୋଇଛି। ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଉକ୍ତ ସୋ ରୁମ କୋଠାର ଅକ୍ୟୁପାନସି ସାର୍ଟିଫିକେଟ ଓ ଅଗ୍ନି ନିରାପତ୍ତା ସୁବିଧା ନ ଥିବା କାରଣରୁ କୋଠା ମାଲିକଙ୍କୁ ୮ ତାରିଖ ଦିନ କାରଣ ଦର୍ଶାଅ ନୋଟିସ ଦିଆଯାଇଥିଲା। କୌଣସି ସାର୍ଟିଫିକେଟ ନ ଥାଇ କିଭଳି ସପିଂ ମଲ ଖୋଲାଯାଇଛି ନେଇ ମାଲିକ ୭ ଦିନ ମଧ୍ୟରେ ଉତ୍ତର ରଖିବାକୁ ବିଏମ୍‌ସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାପରେ ମାଲିକ ୯ ତାରିଖ ଦିନ ବିଏମସି ନିକଟରେ ସନ୍ତୋଷ ଜନକ ଉତ୍ତର ଦେଇ ପାରି ନ ଥିବା ବେଳେ ଆବଶ୍ୟକ ନଥିପତ୍ର ଦାଖଲ କରିବା ପାଇଁ ଅଧିକ ଦିନ ସମୟ ମାଗିଥିଲେ। ବିଏମ୍‌ସି ଏହାକୁ ଅଗ୍ରାହ୍ୟ କରାଯାଇଥିଲା। ଫଳରେ ସପିଂମଲ କୋଠା ଗୁରୁବାର ସିଲ ହୋଇଥିବା ଜଣାପଡିଛି।

# ସ୍କୁଲ ଅଟୋକୁ ଧକ୍କା ଦେଲା ଟ୍ରାକ୍ଟର, ଛାତ୍ରୀଛାତ୍ର ଆହତ



ଦୁର୍ଘଟଣାଗ୍ରସ୍ତ ହୋଇଥିବା ଅଟୋ ଓ ଟ୍ରାକ୍ଟର।

ପାଟପୁର,୯।୨

ସ୍କୁଲ ଅଟୋକୁ ଧକ୍କାଦେଲା ଇଟା ବୋଝେଇ ଟ୍ରାକ୍ଟର। ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଯାଉଥିବା ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇଛି। ପଳାସପୁର କାଳୀମନ୍ଦିର ନିକଟରେ ଗୁରୁବାର ସକାଳ ୯ଟାରେ ଛଣମେରିସ୍ଥିତ ସାନଖେମୁଣ୍ଡି ଆଦର୍ଶ ବିଦ୍ୟାଳୟକୁ ଏକ ଅଟୋରେ ୮ ଜଣ ଛାତ୍ରୀଛାତ୍ର ଯାଉଥିବା ବେଳେ ପାଟପୁର ଥାନା ଅନ୍ତର୍ଗତ ପଳାସପୁର ଡେଙ୍ଗାଓସ୍ତା ମୁଖ୍ୟରାସ୍ତା କାଳୀ ମନ୍ଦିର ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଛାତ୍ର ଶକ୍ତି ସାହୁ, ଛାତ୍ରୀ ଦୀପିକା ରାଣୀ ପଣ୍ଡା, ଯସ୍ମିନ ବିଷୋୟୀ, ଖୁସି ନାୟକଙ୍କ ସମେତ ଅଟୋ ଡ୍ରାଇଭର ଭିକାରୀ ସାହୁ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆହତଙ୍କୁ ପ୍ରଥମେ ଦିଗପହଣ୍ଡି ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପାଟପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାକ୍ଟର ଡ୍ରାଇଭରକୁ ଅଟକ ରଖି ତଦନ୍ତ ଚଳାଇଛି।

# ୟୁନିୟନ ବ୍ୟାଙ୍କ ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ହିନ୍ଦୀ କର୍ମଶାଳା

ବ୍ରହ୍ମପୁର ଅଫିସ,୯।୨

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଏକ ଦିବସୀୟ ହିନ୍ଦୀ କର୍ମଶାଳା ଗୁରୁବାର ଆୟୋଜିତ ହୋଇଯାଇଛି । ବ୍ୟାଙ୍କର କ୍ଷେତ୍ର ଅଧୀନ ବିଭିନ୍ନ ଶାଖା କାର୍ଯ୍ୟାଳୟ ପକ୍ଷରୁ ପ୍ରାୟ ୨୪ ଜଣ କର୍ମଚାରୀ ଭାଗ ନେଇଥିଲେ। ବ୍ରହ୍ମପୁରର କ୍ଷେତ୍ରୀୟ କାର୍ଯ୍ୟାଳୟ କ୍ଷେତ୍ରୀୟ ମୁଖ୍ୟ ସତ୍ୟବ୍ରତ ସାମଲ କର୍ମଶାଳାକୁ ଉଦ୍‌ଘାଟନ କରିବା ସହ ସମ୍ବୋଧିତ କରିଥିଲେ। ବ୍ୟାଙ୍କ କାରବାର ବୃଦ୍ଧି କ୍ଷେତ୍ରରେ ଭାଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସାମଲ କହିଥିଲେ। ହିନ୍ଦୀରେ କାର୍ଯ୍ୟ କରିବା ଆମର ସାମ୍ବିଧାନିକ ଦାୟିତ୍ୱ । ଆମର ଦୈନନ୍ଦିନ କାର୍ଯ୍ୟରେ ହିନ୍ଦୀ ଭାଷାର ପ୍ରୟୋଗକୁ ବୃଦ୍ଧି କରିବା ସହ ସହକର୍ମୀଙ୍କୁ ହିନ୍ଦୀ ଭାଷାରେ କାର୍ଯ୍ୟ କରିବା ପାଇଁ ପ୍ରୋତ୍ସାହିତ କରିବା ଉଚିତ ବୋଲି ସେ କହିଥିଲେ। ସେ ସମସ୍ତ ଶାଖାରେ ପ୍ରତିଦିନ ହିନ୍ଦୀ ଶବ୍ଦକୁ ପ୍ରଦର୍ଶିତ କରିବା ଉପରେ ପରାମର୍ଶ ଦେଇଥିଲେ। ବ୍ୟାଙ୍କ ଅଧିକାରୀଙ୍କୁ ଏହାର ଅନୁପାଳନ କରିବାକୁ କହିଥିଲେ। ସେ କ୍ଷେତ୍ରୀୟ ଗୃହ ପତ୍ରିକା ୟୁନିୟନ୍ ଋଷିପ୍ରଭା ଓ ବ୍ୟାଙ୍କର ପତ୍ରିକା ୟୁନିୟନ୍ ସୃଜନ ଏବଂ ୟୁନିୟନ୍ ଧାରା ପାଇଁ ଆଗ୍ରହୀ କର୍ମଚାରୀ ତଥା ଅଧିକାରୀଙ୍କୁ ହିନ୍ଦୀରେ ଲେଖା ପଠାଇବା ପାଇଁ କହିଥିଲେ। ଏହି ଅବସରରେ ଉପକ୍ଷେତ୍ରୀୟ ମୁଖ୍ୟ ରାମଚନ୍ଦ୍ର ବେହେରା ଦଳେଇ କହିଥିଲେ, ହିନ୍ଦୀ ଏକ ସରଳ ଭାଷା, ବ୍ୟାଙ୍କର ସମସ୍ତ କର୍ମଚାରୀ ଏହାକୁ ଶିଖିବା ଉଚିତ। ହିନ୍ଦୀକୁ ଭାରତର ସବୁ ଅଞ୍ଚଳର ଲୋକ ବୁଝୁଥିବାରୁ ଏହି ଭାଷାରେ ଜ୍ଞାନ ଥିଲେ ଜଣେ ଅଧିକାରୀ ଓ କର୍ମଚାରୀଙ୍କୁ କାମ କରିବାରେ ଅସୁବିଧା ହେବ ନାହିଁ ବୋଲି ମଧ୍ୟ କହିଥିଲେ। ସହାୟକ ପ୍ରବନ୍ଧକ ଅମିତ ଦୀକ୍ଷିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

